# ସତ୍ୟବାକ୍ୟ

# THE WORD OF TRUTH

**JULY & AUGUST 2017**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited and Published By

***Jashua & Kabita Gootam***

**CHURCH OF CHRIST**

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-23. July & August 2017. No-4**

***Published every two months in Oriya language for the Restoration of the pure New Testament Christianity***

---

## THE MINISTRY FOR CHRIST

**Text :** "And all things are of God, who hath reconciled us to himself by Jesus Christ, and hath given to us the ministry of reconciliation; (2 Cor. 5:18)."

Thesis : To outline the nature of the ministry for Christ.

**Introduction :**

1. Apostle Paul called himself as a servant of Christ (Php. 1:1).
2. In his letter to the Corinthians the second time he wrote about the ministry for Christ.
   - A. The ministry for Christ is a glorious ministry.
   - B. The ministry for Christ is honest and tried ministry.
   - C. The ministry for Christ is a confident ministry.
   - D. The ministry for Christ is a reconciling ministry.
   - E. The ministry for Christ is a suffering ministry.

# ସତ୍ୟବାଣୀ

# VOICE OF TRUTH

**VOL - XXIII KAKINADA JUL-AUG-2017**



## ସମୟର ଶେଷ ପର୍ଯ୍ୟନ୍ତ

**(Till the end of Time)**

ପେଣ୍ଟିକଷ୍ଟ ଦିନରୁ ଏବେ ପର୍ଯ୍ୟନ୍ତ, କେବଳ ଏକମାତ୍ର ସମାଚାର ପ୍ରଚାରିତ ହେଉଅଛି :- କ୍ରୁଶରେ ହତ ଖ୍ରୀଷ୍ଟ, ଏହି ବିଷୟ ସମୟର ଶେଷ ପର୍ଯ୍ୟନ୍ତ ପ୍ରଚାରିତ ହେଉଥିବ । ଏତଦ୍ ବ୍ୟତୀତ ଆଉ କୌଣସି ବ୍ୟକ୍ତି ବା ବିଷୟ ପ୍ରଚାରିତ ହେବାର ଆବଶ୍ୟତା ନାହିଁ । କାରଣ ବାକ୍ୟ କହେ,''ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହାଙ୍କ ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇନାହିଁ ।'' (ପ୍ରେ.କା. ୪:୧୨)

ଯେଉଁମାନେ ସୁସମାଚାର ପ୍ରଚାର କରନ୍ତି, ପରମେଶ୍ୱରଙ୍କ ପରିଚର୍ଯ୍ୟା କରନ୍ତି, ସେମାନେ ଯୀଶୁଖ୍ରୀଷ୍ଟଙ୍କ ସମାଚାର ବିନା ଅନ୍ୟ କୌଣସି ସମାଚାରକୁ ପ୍ରାଧାନ୍ୟତା ଦିଅନ୍ତି ନାହିଁ । ଯେଉଁମାନେ ଏହି ସରଳ ସୁସମାଚାରକୁ ଅଗ୍ରାହ୍ୟ କରନ୍ତି, ତୃଟି ସେମାନଙ୍କର କିନ୍ତୁ ସୁସମାଚାରର ନୁହେଁ । ଯିହୂଦୀମାନଙ୍କ ଆପଣା ସମସ୍ୟା ହେତୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରି ନ ଥିଲେ । ଆଥନୀ ନଗରବାସୀମାନେ ପାଉଲଙ୍କ ଶିକ୍ଷା ଅଗ୍ରାହ୍ୟ କରି, ଆପଣା ଆପଣା ଜ୍ଞାନ ଉପରେ ନିର୍ଭର କଲେ । (ପ୍ରେ.କା. ୧୭ ପର୍ବ)

''ଖ୍ରୀଷ୍ଟଙ୍କ କ୍ରୁଶୀୟ ମୃତ୍ୟୁ''ର ବାର୍ତ୍ତା ଦୁଇହଜାର ବର୍ଷ ପୁରୁଣା । ପେଣ୍ଟିକଷ୍ଟ ଦିନରୁ ଆଜି ପର୍ଯ୍ୟନ୍ତ ଏହି ସମୟାବଧିରେ ମନୁଷ୍ୟମାନେ ଯାନ୍ତ୍ରିକ ଭାବେ ଦୃତଗତିରେ ଉନ୍ନତି କରିଅଛନ୍ତି । କିନ୍ତୁ ଖ୍ରୀଷ୍ଟଙ୍କ କ୍ରୁଶୀୟ ମୃତ୍ୟୁର କୌଣସି ଭାବେ ପରିବର୍ତ୍ତନ ନାହିଁ ।

ଏ ବିଷୟ ତେବେ ବି ସତ୍ୟ । ଏବେ ବି ସତ୍ୟ । ଦିନ ଥିଲା ବାର୍ତ୍ତାବାହକମାନେ ଓଟରେ ଚଢ଼ି ବାର୍ତ୍ତାବହନ କରୁଥିଲେ, ବାର୍ତ୍ତା ପାଣ୍ଡୁଲିପିରେ ଲିଖିତ ହେଉଥିଲା । ସେ ଦିନରୁ ଏ ପର୍ଯ୍ୟନ୍ତ ସୁସମାଚାରର କୌଣସି ପରିବର୍ତ୍ତନ ନାହିଁ । ଏହା ଆତ୍ମାଗୁଡ଼ିକୁ ପରିତ୍ରାଣର ମାର୍ଗରେ କଢ଼ାଇ ନିଏ । ଆସ ଆମ୍ଭେମାନେ ସୁସମାଚାର ଶକ୍ତି ଅନୁଭବ କରୁ ଓ ସୌନ୍ଦର୍ଯ୍ୟ ନିରୀକ୍ଷଣ କରୁ ।

**- Hollis Miller**

❋❋❋

## ଯୀଶୁ କେଉଁଠାରେ ରାଜତ୍ୱ କରୁଅଛନ୍ତି ?
### (Where is Jesus Reigning ?)

ଖ୍ରୀ:ଜ: ୩୩ ମସିହାର ପେଣ୍ଟିକଷ୍ଟ ଦିନରେ ପ୍ରେରିତ ପିତର ଯିରୁଶାଲମରେ ଉପସ୍ଥିତ ଜନତା କହିଲେ, ''ତଥାପି ସେ ଭାବବାଦୀ ହେବାରୁ ଏବଂ ତାଙ୍କ (ଦାଉଦଙ୍କ) ଔରସଜାତ ଜଣେ ବ୍ୟକ୍ତିଙ୍କୁ ଈଶ୍ୱର ଯେ ତାଙ୍କ ସିଂହାସନରେ ବସାଇବାକୁ ତାଙ୍କ ନିକଟରେ ଶପଥ କରି ପ୍ରତିଜ୍ଞା କରିଥିଲେ....'' (ପ୍ରେରିତ ୨:୩୦-୩୫) । ସେ ଗୀତ ସଂହିତା ୧୬:୮-୧୧ ପଦରେ ଲିଖିତ ଭାବବାଣୀକୁ ଦାଉଦ ଯେ ଆପଣା ବିଷୟରେ ନ କହି ଯୀଶୁଖ୍ରୀଷ୍ଟଙ୍କ ବିଷୟରେ କହୁଅଛନ୍ତି, ସାକ୍ଷ୍ୟ ଦେବା ନିମନ୍ତେ ଏହି ଭାବବାଣୀ ଉଲ୍ଲେଖ କରନ୍ତି ।

ତିନି ହଜାର ଲୋକେ ବାପ୍ତିଜିତ ହୋଇ ମଣ୍ଡଳୀରେ ଯୋଗ କରିବାର ମଣ୍ଡଳୀ ଅର୍ଥାତ୍ ଈଶ୍ୱରଙ୍କ ରାଜ୍ୟ ସ୍ଥାପନ ଦିବସରୁ ଆରମ୍ଭ କରି ସେ ରାଜତ୍ୱ କରୁଅଛନ୍ତି । (ପ୍ରେ:କା: ୩୭-୪୭) । ସେ ଶେଷ ଶତ୍ରୁ, ''ମୃତ୍ୟୁ''କୁ ନିଜ ପଦ ତଳେ ରଖିବା ପର୍ଯ୍ୟନ୍ତ ରାଜତ୍ୱ କରୁଥିବେ । (୧ମ କରିନ୍ଥୀ ୧୫:୨୫)

ଯିହୂଦୀମାନେ, ଯୀଶୁଙ୍କ ଯୋଜନାକୁ ତାହାଙ୍କ କ୍ରୁଶୀୟ ମୃତ୍ୟୁ ଦ୍ୱାରା ବିଫଳ କରିଥିବାରୁ, ସେ ଆପଣା ରାଜ୍ୟ ସ୍ଥାପନ କରିବା ସ୍ଥଗିତ କରିଅଛନ୍ତି ବୋଲି କେତେକଙ୍କ

ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଈଶ୍ୱର ଯେଉଁ ଚିରନ୍ତନ ସଂକଳ୍ପ କରିଥିଲେ....'' (ଏଫିସୀ ୩:୧୦)।

ସେମାନଙ୍କ ବିଶ୍ୱାସନୁଯାୟୀ ଯୀଶୁଖ୍ରୀଷ୍ଟ ଏକ ଜାଗତିକ ସାମ୍ରାଜ୍ୟ ସ୍ଥାପନ କରିବେ ଏବଂ ଯିରୁଶାଲମରୁ ଏକ ହଜାର ବର୍ଷ ରାଜତ୍ୱ କରିବେ । କିନ୍ତୁ ଏହି ବିଷୟରେ ବାଇବଲରେ କିଛି ଲିଖିତ ହୋଇ ନାହିଁ । ''ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ'' ବୋଲି ପେଣ୍ଟିକଷ୍ଟ ଦିନ ପୂର୍ବରୁ ଭାବବାଣୀ ଏବଂ ପେଣ୍ଟିକଷ୍ଟ ଦିନର ପରେ ଏହାର ଅସ୍ତିତ୍ୱ ବିଷୟରେ ଲିଖିତ ହୋଇଥିବା ବା ଭାବବାଣୀଗୁଡ଼ିକର ବିରୁଦ୍ଧ (କଲସୀ ୧:୧୩ ଓ ପ୍ରକାଶିତ ୧:୯) ହୁଅନ୍ତା ।

ଯୀଶୁଖ୍ରୀଷ୍ଟଙ୍କ ପୁନଃରାଗମନରେ, ଯିରୁଶାଲମର ସିଂହାସନ ଉପରେ ରାଜୁତି କରିବା ଅସମ୍ଭବ, କାରଣ ଯିରିମିୟ ୨୨:୨୮-୩୦ ପଦରେ ଲେଖାଯାଏ, ''ଏହି କନୀୟ କି ତୁଚ୍ଛୀକୃତ ଭଗ୍ନପାତ୍ର ? ସେ କି ଅପ୍ରୀତିକର ପାତ୍ର ? ସେ ଓ ତାହାର ବଂଶ କାହିଁକି କାହିଁକି ଦୂରୀକୃତ ହୋଇ ସେମାନଙ୍କ ଅଜ୍ଞାତ ଦେଶରେ ନିକ୍ଷିପ୍ତ ହେଲେ । ''ହେ ପୃଥିବୀ, ପୃଥିବୀ, ପୃଥିବୀ, ସଦାପ୍ରଭୁଙ୍କର ବାକ୍ୟ ଶୁଣ, ସଦାପ୍ରଭୁ ଏହି କଥା କହନ୍ତି, ଏହି ମନୁଷ୍ୟ ନିଃସନ୍ତାନ, ଏହି ପୁରୁଷର ଆପଣା ଜୀବନ ମଧ୍ୟରେ ଉନ୍ନତି ନୋହିବ ବୋଲି ତୁମ୍ଭେମାନେ ଲେଖ, କାରଣ ତାହାର ବଂଶୀୟ କୌଣସି ଲୋକ ଦାଉଦଙ୍କ ସିଂହାସନପବିଷ୍ଟ ହୋଇ ଓ ଯିହୂଦାର ଉପରେ ଆଉ କର୍ତ୍ତୃତ୍ୱ କରି ସମୃଦ୍ଧ ନୋହିବ ।'' କନୀୟ ଦାଉଦ ବଂଶଜାତ ଏବଂ ଖ୍ରୀଷ୍ଟ ଦାଉଦଙ୍କ ବଂଶଜ (ମାଥିଉ ୧:୬-୧୨)।

ଯୀଶୁଖ୍ରୀଷ୍ଟ ବର୍ତ୍ତମାନ ତାହାଙ୍କ ଆତ୍ମୀୟ ରାଜ୍ୟ ପରିପାଳନ କରୁଅଛନ୍ତି ବୋଲି ଏହି ବାକ୍ୟ ପ୍ରମାଣିତ କରେ । ସେ ପୁନଃରୁଥିତ ହେବା ପରବର୍ତ୍ତୀ ପେଣ୍ଟିକଷ୍ଟ ଦିନ ଠାରୁ ରାଜତ୍ୱ କରୁଅଛନ୍ତି । ସେ ଫେରିଆସି, ଆପଣା ସାଧୁମାନଙ୍କୁ ଘେନିଯିବା ସମୟ ପର୍ଯ୍ୟନ୍ତ ରାଜତ୍ୱ କରୁଥିବେ । ଜୀବିତ ଓ ମୃତ ପ୍ରତ୍ୟେକ ବିଶ୍ୱାସୀ ତାହାଙ୍କ ସହିତ ସ୍ୱର୍ଗକୁ ନୀତ ହେବେ । ''.....ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ ।''. (୧ମ ଥେସ ୪:୧୪-୧୭)

ରାଜାମାନଙ୍କ ରାଜା ଓ ପ୍ରଭୁମାନଙ୍କ ପ୍ରଭୁ ସ୍ୱର୍ଗରୁ ରାଜତ୍ୱ କରୁଅଛନ୍ତି । (୧ମ ତୀମଥି ୬:୧୫; ପ୍ର:ବା ୧୯:୧୬) । ତାହାଙ୍କ ସେହି ରାଜ୍ୟରେ ପ୍ରବେଶ କରିବା ନିମନ୍ତେ ଆମ୍ଭମାନଙ୍କୁ ଜଳ ଓ ଆତ୍ମାରେ ଜନ୍ମ ହେବା ଆବଶ୍ୟକ । (ଯୋହନ ୩:୫) । ତାହାଙ୍କ ରାଜ୍ୟରେ ପ୍ରବେଶ କରି, ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ରହିଲେ, ଜୀବନରୂପ ମୁକୁଟ ପାଇପାରିବା । "ଯଦି ଆମ୍ଭେମାନେ ଧୈର୍ଯ୍ୟ ଧରି ସହ୍ୟ କରୁ, ତେବେ ତାହାଙ୍କ ସହିତ ମଧ୍ୟ ରାଜତ୍ୱ କରିବା, ଯଦି ଆମ୍ଭେମାନେ ତାହାଙ୍କୁ ଅସ୍ୱୀକାର କରୁ, ତେବେ ସେ ମଧ୍ୟ ଆମ୍ଭମାନଙ୍କୁ ଅସ୍ୱୀକାର କରିବେ ।" (୨ ତୀମଥି ୨:୧୧)

**- Hollis Miller**

❋❋❋

## ଖ୍ରୀଷ୍ଟଙ୍କ ବିଷୟରେ ତୁମ୍ଭମାନଙ୍କର ମତ କଅଣ ?

### ( What do you think of Christ ? )

ମାଥିଉ ୨୨:୩୬-୪୦ ପଦଗୁଡ଼ିକରେ ଦୁଇ ପ୍ରକାର ଶ୍ରେଷ୍ଠ ଆଜ୍ଞା ବିଷୟରେ ବ୍ୟବସ୍ଥାଶାସ୍ତ୍ରଜ୍ଞଙ୍କୁ ବୁଝାଇଥିଲେ । (୧) ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ଈଶ୍ୱରଙ୍କୁ ପ୍ରେମ କରିବା (୨) ପ୍ରତିବାସୀଙ୍କୁ ଆତ୍ମତୁଲ୍ୟ ପ୍ରେମ କରିବା । ଫାରୁଶୀମାନଙ୍କ ପ୍ରଶ୍ନର ଉତ୍ତର ଦେଇ, ସେ ଫାରୁଶୀମାନଙ୍କୁ ଏକ ପ୍ରଶ୍ନ ପଚାରିଥିଲେ, "ଖ୍ରୀଷ୍ଟଙ୍କର ବିଷୟରେ ତୁମ୍ଭମାନଙ୍କର ମତ କଅଣ ? ସେ କାହାର ସନ୍ତାନ..... ?" (୪୧ମ ପଦ)

ନୂତନ ନିୟମରେ ଖ୍ରୀଷ୍ଟଙ୍କ ବିଷୟରେ ବିଭିନ୍ନ ବର୍ଗର ବ୍ୟକ୍ତିମାନଙ୍କର ବିଭିନ୍ନ ମତ ଥିଲା । ଫାରୁଶୀମାନେ ମିଥ୍ୟା ସାକ୍ଷ୍ୟ ଦେଇ, ଯୀଶୁଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ଯୋଜନା କରୁଥିଲେ । କିନ୍ତୁ ଅନେକ ବର୍ଗର ଲୋକ ଥିଲେ, ଯେଉଁମାନେ ଯୀଶୁଙ୍କ ବିଷୟରେ ସତ୍ୟ ସାକ୍ଷ୍ୟ ଦେଇଥିଲେ ।

**ଦୂତଗଣ :** ଯୀଶୁଖ୍ରୀଷ୍ଟ, ମରିୟମ ନାମ୍ନୀ କନ୍ୟା ଗର୍ଭରୁ ଜନ୍ମ ହେବା ସମୟରେ ଦୂତଗଣ, ମେଷପାଳକମାନଙ୍କୁ କହିଥିଲେ, ".....କାରଣ ଆଜି ଦାଉଦଙ୍କ ନଗରରେ

ତୁମ୍ଭମାନଙ୍କ ନିମନ୍ତେ ତ୍ରାଣକର୍ତ୍ତା ଜନ୍ମଗ୍ରହଣ କରିଅଛନ୍ତି, ସେ ଖ୍ରୀଷ୍ଟପ୍ରଭୁ ।'' (ଲୂକ ୨:୧୧)

**ପିତା ପରମେଶ୍ୱର :** ଯର୍ଦ୍ଦନ ନଦୀରେ ବାପ୍ତିଜକ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହୋଇ, ଉପରକୁ ଉଠି ଆସିବା ସମୟରେ,''....ଆଉ ଦେଖ, ଆକାଶ ଉନ୍ମୁକ୍ତ ହେଲା, ପୁଣି ସେ ଈଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ, ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ ।'' (ମାଥିଉ ୩:୪-୧୭)

**ବାପ୍ତିଜକ ଯୋହନ :** ଯୀଶୁଖ୍ରୀଷ୍ଟଙ୍କୁ ବାପ୍ତିଜକ ଯୋହନ ଚିହ୍ନି, ଆପଣା ଶିଷ୍ୟମାନଙ୍କୁ କହିଲେ,''......ଏହି ଦେଖ, ଈଶ୍ୱରଙ୍କ ମେଷଶାବକ, ଯେ ଜଗତର ପାପ ବହି ନେଇଯାଆନ୍ତି ।'' (ଯୋହନ ୧:୨୯)

**ପ୍ରେରିତ ପିତର:** ''ସେ ସେମାନଙ୍କୁ ପଚାରିଲେ, କିନ୍ତୁ ମୁଁ କିଏ ବୋଲି ତୁମ୍ଭେମାନେ କହୁଅଛ ? ଶିମୋନ ପିତର ଉତ୍ତର ଦେଲେ, ଆପଣ ଖ୍ରୀଷ୍ଟ ଜୀବନ୍ତ ଈଶ୍ୱରଙ୍କ ପୁତ୍ର ।'' (ମାଥିଉ ୧୬:୧୫,୧୬)

**ଭୂତମାନେ :** ଯୀଶୁଙ୍କ ଅସୀମ ଶକ୍ତି ଦ୍ୱାରା ଅନେକଙ୍କୁ ସେମାନଙ୍କ ରୋଗଗୁଡ଼ିକରୁ ସୁସ୍ଥ କଲେ ଓ ଭୂତ ଛଡ଼ାଇଲେ । ''ପୁଣି, ଭୂତମାନେ ବାହାରିଗଲେ । ଆଉ, ସେ ସେମାନଙ୍କୁ ଧମକ ଦେଇ କଥା କହିବାକୁ ଦେଲେ ନାହିଁ, କାରଣ ସେ ଯେ ଖ୍ରୀଷ୍ଟ, ଏହା ସେମାନେ ଜାଣିଥିଲେ ।'' (ଲୂକ ୪:୪୧)

**ତାହାଙ୍କୁ ବିଶ୍ୱାସଘାତକାରୀ :** ଯୀଶୁଖ୍ରୀଷ୍ଟଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କରି ଯିହୂଦା, ସେ ପ୍ରାଣଦଣ୍ଡ ପାଇଅଛନ୍ତି, ଏହା ଦେଖି ଅନୁତାପ କରି ପ୍ରଧାନ ଯାଜକ ଓ ପ୍ରାଚୀନବର୍ଗଙ୍କ ନିକଟକୁ ସେହି ତିରିଶି ଗୋଟି ରୌପ୍ୟମୁଦ୍ରା ଫେରାଇ ଆଣି କହିଲା, ''ମୁଁ ନିର୍ଦ୍ଦୋଷର ରକ୍ତ ସମର୍ପଣ କରି ପାପ କରିଅଛି ......।'' (ମାଥିଉ ୨୭:୩,୪)

**ପିଲାତ :** ଯୀଶୁଖ୍ରୀଷ୍ଟଙ୍କ ପିଲାତଙ୍କ ସମ୍ମୁଖରେ ଆଣିବାରୁ, ସେ ତାହାଙ୍କୁ ପରୀକ୍ଷା କରି କହିଲେ, ''ଏ ଲୋକ ସାଧାରଣଙ୍କୁ ବିଦ୍ରୋହୀ କରୁଅଛି ବୋଲି ତୁମ୍ଭେମାନେ ଏହାକୁ ଆମ୍ଭ ନିକଟରେ ଆଣିଥିଲ । ଆଉ ଦେଖ, ଆମ୍ଭେ ତୁମ୍ଭମାନଙ୍କର ସାକ୍ଷାତରେ ଏହାକୁ

ପ୍ରଶ୍ନ କରି, ତାହା ବିରୁଦ୍ଧରେ ତୁମ୍ଭେମାନେ ଯେ ସମସ୍ତ ଅଭିଯୋଗ କରୁଅଛ, ସେପରି କୌଣସି ଦୋଷ ଏହା ଠାରେ ପାଇଲୁ ନାହିଁ ।'' (ଲୂକ ୨୩:୧୪)

**ପିଲାତଙ୍କ ସ୍ତ୍ରୀ :** ''ଆଉ, ସେ (ପିଲାତ) ବିଚାରାସନରେ ବସିଥିବା ସମୟରେ ତାହାଙ୍କ ସ୍ତ୍ରୀ ତାହାଙ୍କ ପାଖକୁ କହି ପଠାଇଲେ, ସେହି ଧାର୍ମିକ ଲୋକଙ୍କ କଥାରେ ତୁମ୍ଭେ ଆଦୌ ହାତ ଦିଅ ନାହିଁ, କାରଣ ତାହାଙ୍କ ଯୋଗୁଁ ମୁଁ ଆଜି ସ୍ୱପ୍ନରେ ବହୁତ କଷ୍ଟ ପାଇଅଛି ।'' (ମାଥିଉ ୨୭:୧୯)

**ଶତ ସେନାପତି :** ଯୀଶୁଙ୍କ କ୍ରୁଶୀୟ ମୃତ୍ୟୁ ସମୟରେ ଭୂକମ୍ପ, ଦେଶସାରା ଅନ୍ଧକାର ପ୍ରଭୃତି ଦେଖି, ତାହାଙ୍କ ପାଖରେ ଥିବା ଶତ ସେନାପତି କହିଲେ,''.... ସତ୍ୟ, ଏ ଈଶ୍ୱରଙ୍କ ପୁତ୍ର ଥିଲେ ।'' (ମାଥିଉ ୨୭:୫୪)

**ଥୋମା :** ପୁନଃରୁଥିତ ଯୀଶୁ ଆପଣା ଶିଷ୍ୟମାନଙ୍କ ସମ୍ମୁଖରେ ଆପଣାକୁ ସଜୀବ ଦେଖାଇବା ସମୟ ସେଠାରେ ତାହାଙ୍କ ଶିଷ୍ୟ ଥୋମା ଉପସ୍ଥିତ ଥିଲେ । ତପ୍ରେ ସପ୍ତାହର ପ୍ରଥମ ଦିନରେ ଯୀଶୁ ଯେତେବେଳେ ସେମାନଙ୍କ ମଧ୍ୟରେ ଉପସ୍ଥିତ ହେଲେ ଓ ଥୋମା ତାହାଙ୍କ କ୍ଷତ ହସ୍ତ ଓ ଆହତ କକ୍ଷଦେଶ ଛୁଇଁ, ଆନନ୍ଦରେ କହିଲେ,''**......ମୋହର ପ୍ରଭୁ, ମୋହର ଈଶ୍ୱର** ।'' (ଯୋହନ ୨୦:୨୮)

ସତ୍ୟ ପ୍ରମାଣିତ କରିବା ନିମନ୍ତେ ଆଉ କେତେ ସାକ୍ଷ୍ୟ ଆବଶ୍ୟକ ? ବନ୍ଧୁ, ମିତ୍ର ଓ ଶତ୍ରୁମାନେ ସୁଧା ନାଜରିତୀୟ ଯୀଶୁ ବିଷୟକ ସତ୍ୟତାର ସମ୍ମୁଖୀନ ହେବାକୁ ହେବ ।

ଯୀଶୁ ଫାରୁଶୀମାନଙ୍କୁ ପଚାରିଥିବା ପ୍ରଶ୍ନ ଆପଣଙ୍କୁ ମଧ୍ୟ ପଚାରାଯାଉଛି, **ଖ୍ରୀଷ୍ଟଙ୍କ ବିଷୟରେ ଆପଣଙ୍କ ମତ କଅଣ ? ସେ କାହାର ପୁତ୍ର ଅଟନ୍ତି ?** ଆପଣଙ୍କ ଉତ୍ତର, ଆପଣଙ୍କ ବିଶ୍ୱାସ ଓ ଆପଣଙ୍କ ସ୍ୱୀକାର ଉପରେ ଆପଣଙ୍କ ଅନନ୍ତ ଜୀବନର ଗମ୍ୟ ନିର୍ଭର କରେ ।

**- Charles R. Rose**

❋❋❋

# ଅନୂରୂପ ସହକାରିଣୀ
## ( A Suitable Helper )

ସୃଷ୍ଟିର ଷଷ୍ଠତମ ଦିନରେ ସଦାପ୍ରଭୁ ପରମେଶ୍ୱର ମନୁଷ୍ୟଙ୍କୁ ସୃଷ୍ଟି କଲେ । ସେହି ଦିନର କିଛି ବେଳା ପରେ ସ୍ତ୍ରୀକୁ ସୃଷ୍ଟି କଲେ । ''ଅନନ୍ତର ସଦାପ୍ରଭୁ ପରମେଶ୍ୱର କହିଲେ, ମନୁଷ୍ୟ ଏକାକୀ ଥିବା ଭଲ ନୁହେଁ, ଆମ୍ଭେ ତାହା ନିମନ୍ତେ ତାହାର ଅନୁରୂପ ସହକାରିଣୀ ନିର୍ମାଣ କରିବା ।..... ଅନନ୍ତର ସଦାପ୍ରଭୁ ଆଦମଙ୍କୁ ଘେରି ନିଦ୍ରାଗ୍ରସ୍ତ କରାଇ, ସେହି ନିଦ୍ରା ସମୟରେ ତାଙ୍କର ଖଣ୍ଡେ ପଞ୍ଜର ନେଇ ମାଂସ ଦ୍ୱାରା ସେହି ସ୍ଥାନ ପୂର୍ଣ୍ଣ କଲେ । ଆଉ ସଦାପ୍ରଭୁ ପରମେଶ୍ୱର ଆଦମଙ୍କ ଠାରୁ ଯେଉଁ ପଞ୍ଜର ଖଣ୍ଡିକ ନେଲେ, ତଦ୍ୱାରା ଏକ ସ୍ତ୍ରୀ ନିର୍ମାଣ କରି ଆଦମଙ୍କ ନିକଟକୁ ଆଣିଲେ ।'' (ଆଦି ୨:୧୮,୨୧,୨୨) । ସୃଷ୍ଟି ସମୟରେ ପୁରୁଷକୁ ସ୍ତ୍ରୀର ଆବଶ୍ୟକ ଥିବ ବୋଲି ସଦାପ୍ରଭୁ ଜ୍ଞାତ ଥିଲେ । ପୁରୁଷର ଆବଶ୍ୟକତା ପୂରଣ କରିବା ନିମନ୍ତେ ସଦାପ୍ରଭୁ ସ୍ତ୍ରୀକୁ ସୃଷ୍ଟି କରିଥିଲେ । ଆମ୍ଭେମାନେ ବର୍ତ୍ତମାନ ଯୁଗରେ, କିପରି ଆପଣା ସ୍ୱାମୀଙ୍କ ଆବଶ୍ୟକତା ପୂରଣ କରିପାରିବା ?

ସର୍ବପ୍ରଥମେ, ସ୍ତ୍ରୀ ଆପଣା ସ୍ୱାମୀଙ୍କର ଆଜ୍ଞାବହ ରହିବା ଆବଶ୍ୟକ । କାରଣ ସ୍ତ୍ରୀ ପୂର୍ବେ ପୁରୁଷ ସୃଷ୍ଟି ହୋଇଥିଲେ ଏବଂ ପ୍ରଥମେ ସ୍ତ୍ରୀ ପାପ କରିବାରୁ ଏହି ଜଗତରେ ପାପ ପ୍ରବେଶ କରିଥିଲା । (୧ମ ତୀମଥି ୨:୧୧-୧୪, ଆଦି ୩:୧୬) । ଏହି ବଶୀଭୂତ ରହିବାର ଆଜ୍ଞା, ସ୍ତ୍ରୀ ଜାତିର ଜୀବନ କ୍ଲେଶମୟ କରିବା ଉଦ୍ଦେଶ୍ୟରେ ଦତ୍ତ ହୋଇ ନ ଥିଲା । (ଏଫିସୀ ୫:୨୨,୨୩) । ଖ୍ରୀଷ୍ଟ ଆପଣା ଶରୀର ରୂପ ମଣ୍ଡଳୀକୁ ପ୍ରେମ କରିବା ସଦୃଶ୍ୟ, ସ୍ୱାମୀ ଆପଣା ସ୍ତ୍ରୀକୁ ପ୍ରେମ କରିବା ଆବଶ୍ୟକ । ଆପଣା ଆପଣା ଶରୀରର ଯତ୍ନ ନେବା ସ୍ୱରୂପେ, ସ୍ୱାମୀମାନେ ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କରି ଯତ୍ନ ନେବା ଆବଶ୍ୟକ । ''ଯାହାହେଉ, ତୁମ୍ଭେମାନେ ପ୍ରତ୍ୟେକେ ମଧ୍ୟ ଆପଣା ସ୍ତ୍ରୀକୁ ଆତ୍ମତୁଲ୍ୟ ପ୍ରେମ କର, ଆଉ ସ୍ତ୍ରୀ ମଧ୍ୟ ଆପଣା ସ୍ୱାମୀଙ୍କୁ ଭକ୍ତି କରୁ ।'' (ଏଫିସୀ ୫:୩୩) । ଏହା ଏକ ଅତି ସୁନ୍ଦର ବାକ୍ୟ ।

ଦ୍ୱିତୀୟରେ, ସ୍ତ୍ରୀ ଆପଣା ଗୃହକୁ ଏକ ଶାନ୍ତି ଓ ସନ୍ତୋଷଜନକ ନିବାସ ସ୍ଥଳ ରୂପେ ଗଢ଼ୁ । ପ୍ରେରିତ ପାଉଲ, ତୀମଥିଙ୍କୁ କହିଲେ, ''ଅତଏବ, ଯୁବତୀ ବିଧବାମାନେ ବିବାହ କରନ୍ତୁ, ସନ୍ତାନ ପ୍ରସବ କରନ୍ତୁ, ଗୃହକାର୍ଯ୍ୟ ପରିଚାଳନା କରନ୍ତୁ, ନିନ୍ଦା କରିବା ପାଇଁ ଶତ୍ରୁକୁ କୌଣସି ସୁଯୋଗ ନ ଦିଅନ୍ତୁ ।'' (୧ମ ତୀମଥି ୫:୧୪) । ଆମ୍ଭମାନଙ୍କ ଗୃହ ସୁନ୍ଦର ଭାବେ ସଜାଉ, ସନ୍ତାନସନ୍ତତିମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦେଉ ଓ ଖ୍ରୀଷ୍ଟିୟ ସ୍ୱଭାବ ପ୍ରସ୍ଫୁଟିତ ହେଉ । ଆମ୍ଭେମାନେ ଅତିଥିପ୍ରିୟ ହେବା, ପୁରୁଷମାନଙ୍କ ନିମନ୍ତେ ସନ୍ତୋଷଦାୟକ । ଅନ୍ୟମାନଙ୍କୁ ସାହାଯ୍ୟ କରୁ, ଉପକାର କରୁ । ଏପରି କାର୍ଯ୍ୟ ଦ୍ୱାରା, ସ୍ୱାମୀମାନେ ଅଧ୍ୟକ୍ଷ ପଦରେ ନିଯୁକ୍ତ ହେବା ନିମନ୍ତେ ସୁଯୋଗ ପାଇଥାନ୍ତି । (୧ମ ତୀମଥି ୩:୨)

ତୃତୀୟରେ, ଅଖ୍ରୀଷ୍ଟିୟାନ ସ୍ୱାମୀମାନେ ଆପଣା ଆପଣା ସ୍ତ୍ରୀମାନଙ୍କୁ ସତ୍‌ସ୍ୱଭାବ ଦ୍ୱାରା ଖ୍ରୀଷ୍ଟଙ୍କ ଠାରେ ପରିବର୍ତ୍ତିତ ହେବାକୁ ସୁଯୋଗ ପାଆନ୍ତି । ''ସେହିପରି, ହେ ଭାର୍ଯ୍ୟାମାନେ, ତୁମ୍ଭେମାନେ ଆପଣା ଆପଣା ସ୍ୱାମୀଙ୍କର ବଶୀଭୂତା ହୁଅ, ଯେପରି ସେମାନଙ୍କ ମଧ୍ୟରୁ କେହି କେହି ବାକ୍ୟର ଅନାଜ୍ଞାବହ ହେଲେ ସୁଦ୍ଧା ତୁମ୍ଭମାନଙ୍କର ସଭୟ ସଦାଚରଣ ଦ୍ୱାରା ପରିବର୍ତ୍ତିତ ହେବେ ।'' (୧ମ ପିତର ୩:୧) । ବାକ୍ୟ ଠାରୁ ଆମ୍ଭମାନଙ୍କ ଆଦର୍ଶମୟ ଜୀବନଶୈଳୀ ଅଧିକ ଶକ୍ତିମୟ ।

ଆସ ଆମ୍ଭେମାନେ ଯେଉଁ ଉଦ୍ଦେଶ୍ୟରେ ସୃଷ୍ଟି ହୋଇଅଛୁ, ସେହି ଉଦ୍ଦେଶ୍ୟ ପୂରଣ କରୁ । ଆସ ଆମ୍ଭେମାନେ ଆମ୍ଭମାନଙ୍କ ସ୍ୱାମୀମାନଙ୍କ ନିମନ୍ତେ ଅନୁରୂପ ସହକାରିଣୀ ହୋଇ ଜୀବନଯାପନ କରୁ ।

**- Susie Fredrick**

❋❋❋

# ଈଶ୍ୱରଙ୍କ ସନ୍ତାନଗଣ
## ( The Sons of God )

"ଦେଖ, ପିତା ଆମ୍ଭମାନଙ୍କୁ କି ପ୍ରକାର ପ୍ରେମ କରିଅଛନ୍ତି ଯେ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବୁ, ଆଉ, ଆମ୍ଭେମାନେ ତାହାହିଁ ଅଟୁ । ଏଥି ସକାଶେ ଜଗତ ଆମ୍ଭମାନଙ୍କୁ ଚିହ୍ନୁ ନାହିଁ, କାରଣ ତାହା ତାହାଙ୍କୁ ଚିହ୍ନି ନ ଥିଲା ।" (୧ମ ଯୋହନ ୩:୧) । ଈଶ୍ୱରଙ୍କର ଆପଣା ସନ୍ତାନମାନଙ୍କ ପ୍ରତି ଅପାର ପ୍ରେମ ବିଷୟରେ ପ୍ରେରିତ ଯୋହନ ଏଠାରେ ବର୍ଣ୍ଣନା କରନ୍ତି । ପରମେଶ୍ୱରଙ୍କ ଅପାର ପ୍ରେମ ଅତୁଳନୀୟ, ଅବର୍ଣ୍ଣନୀୟ । ତାହାଙ୍କ ଐଶ୍ୱରିକ ପରିବାରଭୁକ୍ତ ହେବା ସୌଭାଗ୍ୟର ବିଷୟ । ଆମ୍ଭେମାନେ ଏହିପରି ପ୍ରେମ, ଗୌରବ ପାଇବାର କି ଯୋଗ୍ୟ ? ଈଶ୍ୱରଙ୍କ ସନ୍ତାନ ହେବାର ସୌଭାଗ୍ୟମୟ ସ୍ଥିତି ଆମ୍ଭମାନଙ୍କ ହୃଦୟ ସ୍ପର୍ଶ କରେ ।

କିନ୍ତୁ କିଏ ଈଶ୍ୱରଙ୍କ ସନ୍ତାନରୂପେ ପରିଗଣିତ ହୁଏ ? ପ୍ରତ୍ୟେକ ମନୁଷ୍ୟ ଈଶ୍ୱରଙ୍କ ସନ୍ତାନ ବୋଲି ଅନେକଙ୍କ ମନୋଭାବ । କିନ୍ତୁ ପ୍ରତ୍ୟେକ ମନୁଷ୍ୟ ଈଶ୍ୱରଙ୍କ ସନ୍ତାନରୂପେ ପରିଗଣିତ ହୁଅନ୍ତି ନାହିଁ । ତେବେ କେଉଁମାନେ ଈଶ୍ୱରଙ୍କ ସନ୍ତାନରୂପେ ପରିଗଣିତ ? ପ୍ରେରିତ ପାଉଲ ରୋମୀୟ ୮:୧୪,୧୫ ପଦରେ କହନ୍ତି, "ଯେଣୁ ଯେତେଲୋକ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଚାଳିତ ହୁଅନ୍ତି, ସେମାନେ ଈଶ୍ୱରଙ୍କ ସନ୍ତାନ, କାରଣ ତୁମ୍ଭେମାନେ ଭୟ କରିବା ନିମନ୍ତେ ଦାସତ୍ୱର ଆତ୍ମା ପାଇନାହୁଁ, କିନ୍ତୁ ପୁତ୍ରତ୍ୱର ଆତ୍ମା ପାଇଅଛୁ, ତଦ୍ୱାରା ଆମ୍ଭେମାନେ ଆବ୍ବା, ପିତଃ ବୋଲି ଡାକିଥାଉ ।ଯେଉଁମାନେ ଆତ୍ମାଙ୍କ ଦ୍ୱାରା ଚାଳିତ ସେମାନେ ଈଶ୍ୱରଙ୍କ ସନ୍ତାନ । ବର୍ତ୍ତମାନ ଆମ୍ଭେମାନେ କିପରି ଆତ୍ମାଙ୍କ ଦ୍ୱାରା ପରିଚାଳିତ ହୋଇପାରିବା ? ଆତ୍ମାଙ୍କ ଶିକ୍ଷା ଯାହାକି ଈଶ୍ୱରଙ୍କ ବାକ୍ୟରେ ଲିଖିତ ଅଛି, ତାହାସବୁ ପାଳନ କରିବା ଦ୍ୱାରା ଯେଉଁମାନେ ବାଇବଲରେ ଲିଖିତ ବାକ୍ୟ ପାଳନ କରନ୍ତ. ସେମାନେ ହିଁ ଈଶ୍ୱରଙ୍କ ସନ୍ତାନରୂପେ ପରିଗଣିତ ହେବେ । ଯେଉଁମାନେ ସୁସମାଚାର ଆଜ୍ଞାବହ ହୋଇ ଈଶ୍ୱରଙ୍କ ପରିବାରରେ ପୁତ୍ରତ୍ୱ ପ୍ରାପ୍ତି ହୁଅନ୍ତି, ସେମାନଙ୍କ ନିମନ୍ତେ, "ଈଶ୍ୱରଙ୍କ ସନ୍ତାନ" ହେବାର ଅଧିକାର ସଞ୍ଚିତ ଅଛି । ପାଉଲ କହିଲେ, "କାରଣ ତୁମ୍ଭେମାନେ ପୁନର୍ବାର ଭୟ କରିବା ନିମନ୍ତେ ଦାସତ୍ୱର

ଆତ୍ମା ପାଇନାହୁଁ, କିନ୍ତୁ ପୁତ୍ରତ୍ୱର ଆତ୍ମା ପାଇଅଛୁ, ତଦ୍ୱାରା ଆମ୍ଭେମାନେ ଆବ୍ବା, ପିତଃ ବୋଲି ଡାକିଥାଉଁ ।'' (ରୋମୀୟ ୮:୧୫) । ଯଦି ଆମ୍ଭେମାନେ ଈଶ୍ୱରଙ୍କ ପରିବାରଭୁକ୍ତ ଓ ପୁତ୍ରତ୍ୱର ଅଧିକାର ପାଇଅଛୁ, ତେବେ ବାକ୍ୟ କହେ, ''ଆଉ ଯଦି ସନ୍ତାନ, ତେବେ ଉତ୍ତରାଧିକାରୀ ଅର୍ଥାତ୍ ଯଦି ଖ୍ରୀଷ୍ଟଙ୍କ ସହିତ ଗୌରବାନ୍ୱିତ ମଧ୍ୟ ହେବା ନିମନ୍ତେ ଆମ୍ଭେମାନେ ତାହାଙ୍କ ସହିତ ଦୁଃଖଭୋଗ କରୁ । ତେବେ ଈଶ୍ୱରଙ୍କ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହ ଉତ୍ତରାଧିକାରୀ ଅଟୁ ।'' (ରୋମୀୟ ୮:୧୭)

ଈଶ୍ୱରଙ୍କ ପ୍ରେମ ଅପାର, ଯେଉଁମାନେ ତାହାଙ୍କ ଆଜ୍ଞା ପାଳନ କରନ୍ତି, ସେମାନେ ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହୋଇ, ତାହାଙ୍କ ପରିବାରଭୁକ୍ତ । ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହୋଇ ମନୁଷ୍ୟ, ଈଶ୍ୱରଙ୍କ ସନ୍ତାନ ରୂପେ ପରିଗଣିତ ହୁଏ । ଈଶ୍ୱର ସନ୍ତାନମାନେ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହ ଉତ୍ତରାଧିକାରୀ । ''ଆଉ ଯଦି ସନ୍ତାନ, ତେବେ ଉତ୍ତରାଧିକାରୀ ଅର୍ଥାତ୍ ଯଦି ଖ୍ରୀଷ୍ଟଙ୍କ ସହିତ ଗୌରବାନ୍ୱିତ ମଧ୍ୟ ହେବା ନିମନ୍ତେ ତାହାଙ୍କ ସଙ୍ଗରେ ଦୁଃଖଭୋଗ କରୁ, ତେବେ ଈଶ୍ୱରଙ୍କ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ଉତ୍ତରାଧିକାରୀ ଅଟୁ । । କାରଣ ମୋ ବିଚାରରେ, ଯେଉଁ ଗୌରବ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହେବ ତାହା ତୁଳନାରେ ଏହି ବର୍ତ୍ତମାନ କାଳର ଦୁଃଖଭୋଗ କିଛି ହିଁ ନୁହେଁ ।'' (ରୋମୀୟ ୮:୧୭,୧୮) ଈଶ୍ୱରଙ୍କ ସନ୍ତାନମାନଙ୍କୁ ଇହଜୀବନରେ କିଛି କିଛି ଦୁଃଖଭୋଗ କରିବାକୁ ହେବ । ପ୍ରେରିତ ପାଉଲ ତୀମଥିଙ୍କୁ ଲେଖନ୍ତି, ''ପ୍ରକୃତରେ ଯେଉଁମାନେ ଖ୍ରୀଷ୍ଟଯୀଶୁଙ୍କ ସହଭାଗିତାରେ ଧର୍ମ ଜୀବନଯାପନ କରିବାକୁ ଇଚ୍ଛା କରନ୍ତି, ସେମାନେ ତାଡ଼ନା ଭୋଗ କରିବେ ।'' (୨ୟ ତୀମଥି ୩:୧୨) । ଯେଉଁମାନେ ତାଡ଼ନା ଭୋଗ କରିବେ । ଶେଷରେ ସେମାନେ ଗୌରବାନ୍ୱିତ ହେବେ । ପ୍ରେରିତ ପିତର କହିଲେ, ''କିନ୍ତୁ ଯଦି କେହି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡଭୋଗ କରେ, ତାହାହେଲେ ସେ ଲଜ୍ଜାବୋଧ ନ କରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ । (୧ମ ପିତର ୪:୧୬) । ଆମ୍ଭେମାନେ ଖ୍ରୀଷ୍ଟଙ୍କ ନିମନ୍ତେ ତାଡ଼ନା ସହ୍ୟ କରି, ପିତା ପରମେଶ୍ୱରଙ୍କୁ ମହିମାନ୍ୱିତ କରୁ ।

ଦେଖ, ପିତା ପରମେଶ୍ୱରଙ୍କ ପ୍ରେମ ଆପଣା ସନ୍ତାନମାନଙ୍କ ପ୍ରତି । ''ଦେଖ

ଅର୍ଥାତ୍ ତାହାଙ୍କ ପ୍ରେମ ପ୍ରତି ଧ୍ୟାନ ଦିଅ । ଆମ୍ଭେମାନେ ଏହି ଜଗତର ପାପରେ ପତିତ ହେବା ସମୟରେ ସେ ଆମ୍ଭମାନଙ୍କୁ ବିମୋଚନ କରି, ଆପଣା ପରିବାର ଭୁକ୍ତ କରିଅଛନ୍ତି । ତେଣୁକରି ଆମ୍ଭେମାନେ, ''ଈଶ୍ୱରଙ୍କ ସନ୍ତାନ'' ହୋଇ ସ୍ୱର୍ଗୀୟ ପିତାଙ୍କ ସକଳ ଆଶୀଷ ଓ ଏକ ସ୍ୱର୍ଗୀୟ ଗୃହ ପ୍ରାପ୍ତ ହୋଇଅଛୁ । ଏଫିସୀ ୧:୫ ପଦରେ ପଢ଼ୁ, ''ସେ ଆମ୍ଭମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଅପାଣା ନିମନ୍ତେ ପୁତ୍ର କରିବାକୁ ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ଆମ୍ଭମାନଙ୍କୁ ପ୍ରେମରେ ପୂର୍ବରୁ ନିରୂପଣ କଲେ । ପ୍ରେମମୟ ପିତା ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ପୁତ୍ରତ୍ୱର ଅଧିକାର ଦେଇଅଛନ୍ତି । ଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭେମାନେ ପୁତ୍ର ହେବାର ଅଧିକାର ପ୍ରାପ୍ତ ହୋଇଅଛୁ ।

କାଳ ସମ୍ପୂର୍ଣ୍ଣ ହୁଅନ୍ତେ, ଈଶ୍ୱର ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କଲେ । (ଗାଲାତୀ ୪:୪) । ''ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧୀନ ଲୋକମାନଙ୍କୁ ମୁକ୍ତ କରନ୍ତି, ପୁଣି ଆମ୍ଭେମାନେ ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହେଉ । ଆଉ ତୁମ୍ଭେମାନେ ପୁତ୍ର, ଏଥି ସକାଶେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କ ଆତ୍ମାଙ୍କୁ ଆମ୍ଭମାନଙ୍କ ହୃଦୟକୁ ପ୍ରେରଣ କଲେ; ସେହି ଆତ୍ମା ଆବ୍ବା, ପିତଃ ବୋଲି ଡାକନ୍ତି । ଏଣୁ ତୁମ୍ଭେ ଆଉ ଦାସ ନୁହଁ, କିନ୍ତୁ ପୁତ୍ର, ପୁଣି ଯଦି ପୁତ୍ର, ତେବେ ଈଶ୍ୱରଙ୍କ କର୍ତ୍ତୃକ ଉତ୍ତରାଧିକାରୀ । (ଗାଲାତୀ ୪:୫-୭) । ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭେମାନେ ପୁତ୍ରତ୍ୱର ଅଧିକାର ପାଇଅଛୁ ।

ନିଶ୍ଚିତ ଭାବେ, ''ଦେଖ, ଆମ୍ଭମାନଙ୍କୁ କି ପ୍ରକାର ପ୍ରେମ ଦାନ କରିଅଛନ୍ତି ଯେ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବୁ, ଆଉ ଆମ୍ଭେମାନେ ତାହା ହିଁ ଅଟୁଁ । (୧ମ ଯୋହନ ୩:୧)

**- Demar Elam**

❋❋❋

# କାହା ପାଖକୁ ଯିବା
## ( To whom shall we go ? )

ଯୋହନଙ୍କ ଲିଖିତ ସୁସମାଚାରର ଷଷ୍ଠ ଅଧ୍ୟାୟର ଶେଷ ଭାଗରେ, ଯୀଶୁଙ୍କ କେତେଜଣ ଶିଷ୍ୟମାନେ, ଯୀଶୁଙ୍କୁ ଅନୁସରଣ କରିବାରୁ ବିମୁଖ ହେବା ବିଷୟ ପଢ଼ିଥାଉଁ । ଯୀଶୁଙ୍କ ବାକ୍ୟ ସେମାନଙ୍କ ହୃଦୟ ଉଦ୍‌ବିଗ୍ନ କରିଥିଲା । ସେମାନେ ଯୀଶୁଙ୍କୁ ସେମାନଙ୍କ ଆତ୍ମିକ ନେତା ରୂପେ ଅଗ୍ରାହ୍ୟ କରି, ତାହାଙ୍କ ଠାରୁ ବିମୁଖ ହୋଇ ଫେରି ଯାଇଥିଲେ । ସେମାନେ ଚାଲିଯିବା ପରେ ଯୀଶୁ ବାରଜଣ ଶିଷ୍ୟମାନଙ୍କୁ, "... ତୁମ୍ଭେମାନେ ମଧ୍ୟ କଅଣ ଚାଲିଯିବାକୁ ଇଚ୍ଛା କରୁଅଛ ?" (ଯୋହନ ୬:୬୭) ବୋଲି ପଚାରିଥିଲେ ।

ଶିଷ୍ୟମାନଙ୍କ ନିମନ୍ତେ ଏହା ଏକ ପରୀକ୍ଷାର ସମୟ ଥିଲା । କେତେକ ଯୀଶୁଖ୍ରୀଷ୍ଟଙ୍କ ବିରୁଦ୍ଧରେ କଥା କହୁଥିଲେ, ତାହାଙ୍କ ବାର୍ତ୍ତା ସେମାନଙ୍କ ନିମନ୍ତେ ଇଷ୍ଟଜନକ ନ ଥିଲା ତାହାଙ୍କ ଆଜ୍ଞା ପାଳନ କରିବାରେ ସେମାନେ ଅନିଚ୍ଛୁକ ଥିଲେ ।

ଆଜିର ସମାଜ ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କ ସମର୍ଥନ କରିବାକୁ ଇଚ୍ଛା କରେ । ଜନସମାଜ ବିଜୟୀ ଖେଳାଳୀମାନଙ୍କ, ବିଜୟୀ ରାଜକୀୟ ନେତାମାନଙ୍କୁ ଅନୁସରଣ କରିବା ପସନ୍ଦ କରନ୍ତି । ଖ୍ୟାତି ପ୍ରତିଷ୍ଠା ପ୍ରଭାବଶାଳୀ ମାନଙ୍କ ଅନୁଚରଣ ହେବାକୁ ଏହି ସମାଜ ଆଗେଇ ଯାଏ । ବିଜୟୀ ଖେଳାଳୀ ବା ରାଜନୀତି ନେତା ପରାଜିତ ହେଲେ, ଲୋକେ ସେମାନଙ୍କୁ କି ସମର୍ଥ କରିବେ ? ପରାଜିତ ଖେଳାଳୀ ବା ରାଜନୀତି ପରବର୍ତ୍ତୀ ଦ୍ୱନ୍ଦିତାରେ ସଫଳ ପ୍ରାପ୍ତ ହେବାର ସମ୍ଭାବନା ଥାଏ ।

ଯୀଶୁ ଯେତେବେଳେ ଶିଷ୍ୟମାନଙ୍କୁ, ".....ତୁମ୍ଭେମାନେ ମଧ୍ୟ କଅଣ ଚାଲିଯିବାକୁ ଇଚ୍ଛା କରୁଅଛ ? ବୋଲି ପ୍ରଶ୍ନ କରିଥିଲେ, ଶିଷ୍ୟମାନଙ୍କୁ କି ଅନ୍ୟ କୌଣସି ପଥ ଥିଲା ?

ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ କି ଅନ୍ୟ କେହି ଗୁରୁ ବା ନେତା ରା ରାବ୍‌ବୀ ଅଛନ୍ତି ? ଅନ୍ୟ କେହି କି ସମୁଦ୍ର ତୁଫାନକୁ ଆଜ୍ଞା ଦେଇପାରନ୍ତି ? ଯୀଶୁଙ୍କ ସଦୃଶ୍ୟ କେହି କି ମୃତମାନଙ୍କୁ ଜୀବନଦାନ କରିପାରନ୍ତି ? ରୋଗୀମାନଙ୍କୁ କି ସୁସ୍ଥ କରିପାରନ୍ତି ?

ଯୀଶୁଖ୍ରୀଷ୍ଟଙ୍କ ପ୍ରଶ୍ନକୁ ପ୍ରେରିତ ପିତର, ''......ପ୍ରଭୋ, କାହା ପାଖକୁ ଯିବା ? ଆପଣଙ୍କ ପାଖରେ ଅନନ୍ତଜୀବନର ବାକ୍ୟ ଅଛି ?'' (ଯୋହନ ୬:୬୮) । କାରଣ ସେ ପରିତ୍ରାଣକର୍ତ୍ତା ପ୍ରଭୁଙ୍କ ଅନୁସରଣ କରୁଅଛନ୍ତି ଜ୍ଞାତ ଥିଲେ । ଆକାଶତଳେ ମନୁଷ୍ୟମାନଙ୍କ ମଧ୍ୟରେ ଯୀଶୁଖ୍ରୀଷ୍ଟଙ୍କ ନାମ ଛଡ଼ା, ଆଉ କୌଣସି ଠାରେ ପରିତ୍ରାଣ ନାହିଁ । ପ୍ରେରିତ ପିତର ଯୀଶୁଖ୍ରୀଷ୍ଟଙ୍କୁ ଅନୁସରଣ କରିବା ନିମନ୍ତେ ଦୃଢ଼ ନିଶ୍ଚିତ ଥିଲେ । ତାହାଙ୍କ ସ୍ୱୀକାରରେ, ତାହାଙ୍କ ନିଶ୍ଚୟତା ପ୍ରସ୍ଫୁଟିତ ହୁଏ । ସେ ଯୀଶୁ ହିଁ, ଖ୍ରୀଷ୍ଟ ଅଟନ୍ତି, ବୋଲି ବିଶ୍ୱାସ କରିଥିଲେ ଓ ତାହାଙ୍କ ଠାରେ ପ୍ରଗାଢ଼ ବିଶ୍ୱାସ ସ୍ୱୀକାର ଥିଲେ ।

ଏକମାତ୍ର ପରିତ୍ରାଣକର୍ତ୍ତା, ଏକମାତ୍ର ଖ୍ରୀଷ୍ଟ । ତାହାଙ୍କ ପଥ ସଂକୀର୍ଣ୍ଣ ଓ କଷ୍ଟଦାୟକ ହେଲେ ହେଁ, ତାହା ହିଁ ଆମ୍ଭମାନଙ୍କୁ ପିତାଙ୍କ ନିକଟକୁ କଢ଼ାଇ ନେବ । ପିତର ଓ ଅନ୍ୟ ଦଶଜଣ ପ୍ରେରିତ ମଧ୍ୟ ଜୀବନର ଶେଷ ଦଶା ପର୍ଯ୍ୟନ୍ତ ଯୀଶୁଙ୍କ ଅନୁସରଣରୁ ବିମୁଖ ହୋଇ ନ ଥିଲେ ।

ଯୀଶୁଙ୍କ ଅନୁସରଣର ପଥରୁ ଆମ୍ଭେମାନେ ବିଚଳିତ ହୋଇ ମନରେ ସାଂସାରିକ ପଥ ବିଷୟରେ ଆକୃଷ୍ଟ ହେଲେ ହେଁ, ତା ଦ୍ୱାରା ଆମ୍ଭମାନଙ୍କ ଆତ୍ମାର କି ଲାଭ ? ମହାରାଜ ଦାଉଦ କହନ୍ତି,''ସଦାପ୍ରଭୁ ମୋହର ଦୀପ୍ତି ଓ ମୋହର ପରିତ୍ରାଣ, ମୁଁ କାହାକୁ ଭୟ କରିବି ? ସଦାପ୍ରଭୁ ମୋ ଜୀବନର ବଳ, ମୁଁ କାହା ଠାରୁ ଭୀତ ହେବି ?'' (ଗୀତ ୨୪:୧)

ସତ୍ୟ ବିଶ୍ୱାସ ଓ ଭରସା ଦ୍ୱାରା ଖ୍ରୀଷ୍ଟିୟାନମାନେ ଜାଣନ୍ତି ଯେ, ଜୀବିତ ପରମେଶ୍ୱରଙ୍କୁ ଅନୁସରଣ ବିନୁ ଆଉ କୌଣସି ଦ୍ୱିତୀୟ ପଥ ନାହିଁ । ଆମ୍ଭେମାନେ ଯଦି ଜୀବନ୍ତ ପରମେଶ୍ୱରଙ୍କ ଅନୁସରଣ କରୁନାହୁଁ, ଆମ୍ଭେମାନେ କେଉଁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ? ପରମେଶ୍ୱରଙ୍କ ବାକ୍ୟ ଧ୍ୟାନ କର, ତାହାଙ୍କ ଇଚ୍ଛା ପାଳନ କର । ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ କର । ଯୀଶୁଖ୍ରୀଷ୍ଟଙ୍କ ବିନୁ ଆଉ କୌଣସି ପଥ ନାହିଁ ।

**- Mike Baker**

❋❋❋

# ତ୍ରିଏକ ଈଶ୍ୱର

## ( God-head )

(ଆଦି ପୁସ୍ତକ ପ୍ରଥମ ଅଧ୍ୟାୟ)

ଆମ୍ଭମାନଙ୍କ ପବିତ୍ର ଧର୍ମଶାସ୍ତ୍ର ବାଇବଲ ୬୬ ପୁସ୍ତକ ଦ୍ୱାରା ଗଠିତ । ଏହା ଏକ କ୍ଷୁଦ୍ର ଗ୍ରନ୍ଥାଳୟ । ବାଇବଲକୁ ଦୁଇଭାଗରେ ବିଭକ୍ତ କରାଯାଏ । ( ୧ ) ପୁରାତନ ନିୟମ ( ୨ ) ନୂତନ ନିୟମ । ପୁରାତନ ନିୟମର ୩୯ ପୁସ୍ତକ ଓ ନୂତନ ନିୟମ ୨୭ ପୁସ୍ତକମାଳା ଦ୍ୱାରା ଗଠିତ । ଏହି ପୁସ୍ତକ ଲେଖିବାକୁ ୧୬୦୦ ବର୍ଷ ଲାଗିଥିଲା । ପ୍ରଥମ ଭାଗ ୫ ଭାଗରେ ବିଭକ୍ତ ( ୧ ) ମୋଶାଙ୍କ ବ୍ୟବସ୍ଥା, ( ୨ ) ଇଶ୍ରାଏଲ୍ ଦେଶର ଇତିହାସ (୩) ପଦ୍ୟମାଳା (୪) ପ୍ରଧାନ ଭବିଷ୍ୟଦ୍‌ବକ୍ତା ମାନଙ୍କ ପୁସ୍ତକ ଓ (୫) ଗୌଣ୍ୟ ଭବିଷ୍ୟଦ୍‌ବକ୍ତାମାନଙ୍କ ପୁସ୍ତକ ।

ବାଇବଲରେ ଲିଖିତ ସମୟକୁ ୩ଟି ଭାଗରେ ବିଭକ୍ତ କରାଯାଏ । (୧) କୁଳପତିମାନଙ୍କ ଯୁଗ :- ଏହି ଯୁଗରେ ସଦାପ୍ରଭୁ ପରମେଶ୍ୱର ପରିବାରର ମୁଖ୍ୟ ବା କୁଳପତିଙ୍କ ସହ ମୁଖାମୁଖି ଭାବେ କଥାବାର୍ତ୍ତା କରୁଥିଲେ । ଉଦାହରଣ :- ଆଦମ, ନୋହ, ଅବ୍ରାହମ, ଇସ୍‌ହାକ, ଯାକୁବ । ଏହି କୁଳପତି ଯୁଗର ସମୟ ପାରିଧି ୨୫୦୦ ବର୍ଷ ଥିଲା । ( ୨ ) ମୋଶାଙ୍କ ବ୍ୟବସ୍ଥାର ଯୁଗ :- ଏହି ଯୁଗରେ ସଦାପ୍ରଭୁ ମୋଶାଙ୍କ ଦ୍ୱାରା ଇଶ୍ରାଏଲ୍ ଜାତିକୁ 'ବ୍ୟବସ୍ଥା' ଦେଇଥିଲେ । ଏହି ବ୍ୟବସ୍ଥାରେ ଦଶ ଆଜ୍ଞା ବ୍ୟତୀତ ୬୧୩ ଆଜ୍ଞାଗୁଡ଼ିକ ଇଶ୍ରାଏଲ୍ ପାଳନାର୍ଥେ ସଦାପ୍ରଭୁ ଦେଇଥିଲେ । ଏହି ଯୁଗର ସମୟ ପାରିଧି ପନ୍ଦର ଶହ ବର୍ଷ ଥିଲା । ମୋଶାଙ୍କ ସମୟ ଠାରୁ ଭାବବାଦୀ ମଲାଖିଙ୍କ ସମୟ ପର୍ଯ୍ୟନ୍ତ ୧୧ ଶହ ବର୍ଷ । ମଲାଖିଙ୍କ ସମୟ ଠାରୁ ଯୀଶୁଖ୍ରୀଷ୍ଟଙ୍କ ସମୟ ଚାରିଶହ ବର୍ଷ । ଏହି ସମୟରେ ସଦାପ୍ରଭୁଙ୍କ ଠାରୁ କୌଣସି ବାର୍ତ୍ତା ବ୍ୟକ୍ତ ହୋଇ ନ ଥିଲା । ଏହି ସମୟକୁ ଅନ୍ଧକାର ଯୁଗ ରୂପେ ଜାଣୁ । (୩) ତୃତୀୟ ଯୁଗ, ଅନୁଗ୍ରହର ଯୁଗ, ଅର୍ଥାତ୍ ଯୀଶୁଖ୍ରୀଷ୍ଟଙ୍କ ନୂତନ ନିୟମର ଯୁଗ । ଏହାଂ ଖ୍ରୀ:ଜ: ୩୩ ପେଣ୍ଟିକଷ୍ଟ ଦିନରୁ ଆରମ୍ଭ ହୋଇଅଛି ଓ ଖ୍ରୀଷ୍ଟଙ୍କ ଆଗମନରେ ଏହି ଦିନ ଅନ୍ତ ହେବ ।

ବାଇବଲର ପ୍ରଥମ ପୁସ୍ତକ 'ଆଦି ପୁସ୍ତକ' । ଏହି ପୁସ୍ତକର ପ୍ରଥମ ପଦ କହେ, ''ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀର ସୃଷ୍ଟି କଲେ ।'' (ଆଦି ୧ : ୧) । ଏହି ପଦର ''ଆଦ୍ୟ'' ଅର୍ଥ କେବେ, ମନୁଷ୍ୟ ଜାଣିନାହିଁ, କେବଳ ପରମେଶ୍ୱର

ଜାଣନ୍ତି । ଏହି ବାକ୍ୟରେ ଲିଖିତ 'ପରମେଶ୍ୱର' ଅର୍ଥାତ୍ ଏବ୍ରୀ ଭାଷାରେ (ଏହି ଭାଷାରେ ବାଇବଲ ଲିଖିତ ହୋଇଥିଲା) ELOHIM, ଏହା ଏକ ବହୁବଚନ । ଅର୍ଥାତ୍ ସୃଷ୍ଟି Elohim ଦ୍ୱାରା ସୃଷ୍ଟ ଓ ଐଶ୍ୱରିକତ୍ୱରେ ପିତା ପରମେଶ୍ୱର, ପୁତ୍ର ଯୀଶୁଖ୍ରୀଷ୍ଟ ଓ ପବିତ୍ର ଆତ୍ମା ଅଛନ୍ତି । ସୃଷ୍ଟି ସମୟରେ ପିତା ପରମେଶ୍ୱର, ପୁତ୍ର ଯୀଶୁଖ୍ରୀଷ୍ଟ (ଯୋହନ ୧:୧-୩, ଏବ୍ରୀ ୧:୪, କଲସୀ ୧:୧୬) ଓ ପବିତ୍ର ଆତ୍ମା (ଆଦି ୧:୨) ଉପସ୍ଥିତ ଥିଲେ । ଆଦି ୧:୨୬ ପଦ କହେ, ''.....ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ ।'' ଶୟତାନ ଦ୍ୱାରା ପ୍ରଲୋଭିତ ହୋଇ ମନୁଷ୍ୟ ପାପରେ ପତିତ ହେବା ପରେ ସଦାପ୍ରଭୁ ପରମେଶ୍ୱର କହିଲେ, ''.....ଦେଖ, ମନୁଷ୍ୟ ଭଲମନ୍ଦର ବୋଧ ପ୍ରାପ୍ତ ହୋଇ ଆମ୍ଭମାନଙ୍କ ପରି ହୋଇଅଛି ।'' (ଆଦି ୩:୨୨) । ''ଆମ୍ଭେମାନେ'' ଓ ''ଆମ୍ଭମାନଙ୍କ'' ପଦଗୁଡ଼ିକ ବହୁବଚନକୁ ସୂଚାଉ ଥିବାରୁ, ସୃଷ୍ଟିରେ ପିତା ପରମେଶ୍ୱର, ପୁତ୍ର ଯୀଶୁଖ୍ରୀଷ୍ଟ ଓ ପବିତ୍ର ଆତ୍ମା ପ୍ରତ୍ୟୟମାନ ଥିଲେ ବୋଲି ଜାଣିପାରୁ ।

ପୁରାତନ ନିୟମର ପୁସ୍ତକମାନଙ୍କର ସଦାପ୍ରଭୁ ପରମେଶ୍ୱରଙ୍କ ନାମ ଉଲ୍ଲେଖିତ ହେଲେ ହେଁ, ସଦାପ୍ରଭୁଙ୍କ ଦୂତ, ''ସଦାପ୍ରଭୁଙ୍କ ବାକ୍ୟ'' ପଦ ବାରମ୍ବାର ପଢ଼ିବାକୁ ପାଇଥାଉଁ । ଏହି ଦୁଇପଦ ଯୀଶୁଖ୍ରୀଷ୍ଟଙ୍କୁ ସୂଚାଏ । ପିତା ପରମେଶ୍ୱରଙ୍କ ଅନାଦି ସଂକଳ୍ପନୁଯାୟୀ ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ମନୁଷ୍ୟର ପାପମୋଚନ ନିମନ୍ତେ ଏହି ଜଗତକୁ ପ୍ରେରଣ କରିଥିଲେ । ମରିୟମକୁ ଗାବ୍ରୀୟେଲ ଦୂତ କହିଲେ, ''....ପବିତ୍ର ଆତ୍ମା ତୁମ୍ଭ ଉପରେ ଅବତରଣ କରିବେ ଓ ପରାତ୍ପରଙ୍କ ଶକ୍ତି ତୁମ୍ଭକୁ ଆବୋରିବ, ଏଣୁ ଯେ ଜାତ ହେବ, ସେ ପବିତ୍ର ଓ ଈଶ୍ୱରଙ୍କ ପୁତ୍ର ବୋଲି ଖ୍ୟାତ ହେବେ ।'' (ଲୂକ ୧:୩୫, ମାଥିଉ ୧:୨୦)

''ଯୀଶୁ ବାପ୍ତିଜିତ ହେଲା କ୍ଷଣି ଜଳରୁ ଉଠି ଆସିଲେ, ଆଉ ଦେଖ, ଆକାଶ ଉନ୍ମୁକ୍ତ ହେଲା, ପୁଣି ସେ ଈଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ, ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟ ପୁତ୍ର । ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ ।'' (ମାଥିଉ ୩:୧୬,୧୭) । ଏଠାରେ ମଧ୍ୟ ପିତା ପରମେଶ୍ୱର, ପୁତ୍ର ଯୀଶୁଖ୍ରୀଷ୍ଟ ଓ ପବିତ୍ର ଆତ୍ମାଙ୍କ ଉପସ୍ଥିତି ଦେଖିପାରୁ । ଆମ୍ଭେମାନେ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିଜିତ ହୋଇଥାଉଁ ।

ଯୀଶୁଖ୍ରୀଷ୍ଟଙ୍କ ପୁନଃରୁତ୍ଥାନ ବିଷୟରେ ବାକ୍ୟରେ କୁହାଯାଏ :- (୧) ''ଏହି ଯୀଶୁଙ୍କୁ ଈଶ୍ୱର ଉଠାଇ ଅଛନ୍ତି....'' (ପ୍ରେରିତ ୨:୩୨) (୨) ''କିନ୍ତୁ ଈଶ୍ୱର ମୃତ୍ୟୁର ବନ୍ଧନ ମୁକ୍ତ କରି ତାହାଙ୍କୁ ଉଠାଇ ଅଛନ୍ତି.....'' (ପ୍ରେରିତ ୨:୨୪)। (୩) ''ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍‌ଥାପିତ ହେଲେ.....'' (ରୋମୀୟ ୬:୪)। ଯାହାଙ୍କ ଠାରେ ପାପର ଲେଶ ମାତ୍ର ନ ଥିଲା, ସେ ମୃତ ହେଲେ ଓ ତୃତୀୟ ଦିନରେ ପୁନଃରୁତ୍ଥିତ ଥିଲେ। ''....ଖ୍ରୀଷ୍ଟ ଶାସ୍ତ୍ରାନୁସାରେ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁଭୋଗ କଲେ, ସମାଧିପ୍ରାପ୍ତ ହେଲେ, ଶାସ୍ତ୍ରାନୁସାରେ ତୃତୀୟ ଦିବସରେ ଉତ୍ଥିତ ହେଲେ।'' (୧ମ କରିନ୍ଥୀ ୧୫:୪)। ସେ କ୍ରୁଶୀୟ ମୃତ୍ୟୁ ପୂର୍ବେ, ମୃତ୍ୟୁର ପୁନଃରୁତ୍ଥିତ ହେବେ ବୋଲି ଭାବବାଣୀ କହିଥିଲେ, ଯାହା ଆମେ ମାଥିଉ ୧୬:୨୧, ମାର୍କ ୮:୩୧, ଲୁକ ୯:୨୨ ପଦରେ ପଢ଼ିପାରୁ। (ମାର୍କ ୧୦:୩୩, ୧୦:୩୪, ଲୁକ ୨୪:୪୬)। ତାହାଙ୍କ ସମାଧି ନିକଟରେ ଥିବା ଦୂତ କହିଲେ, ''....ବିସ୍ମୟାନ୍ୱିତ ହୁଅ ନାହିଁ, ତୁମ୍ଭେମାନେ କ୍ରୁଶରେ ହତ ନାଜରିତୀୟ ଯୀଶୁଙ୍କର ଅନ୍ୱେଷଣ କରୁଅଛ, ସେ ଉଠିଅଛନ୍ତି, ସେ ଏଠାରେ ନାହାନ୍ତି....'' (ମାର୍କ ୧୬:୬)।

ତୃତୀୟ, ଯୀଶୁଖ୍ରୀଷ୍ଟ ପବିତ୍ର ଆତ୍ମାଙ୍କ ଦ୍ୱାରା ପୁନଃରୁତ୍ଥିତ ହୋଇଥିଲେ ରୋମୀୟ ୮:୧୧ ପଦରେ ପଢ଼ିଥାଉଁ। ଯାହା କହେ, ଯଦି ତୁମ୍ଭମାନଙ୍କ ଠାରେ ବାସ କରନ୍ତି, ତେବେ ଯେ ମୃତମାନଙ୍କ ମଧ୍ୟରୁ ଖ୍ରୀଷ୍ଟଯୀଶୁଙ୍କୁ ଉଠାଇଲେ, ସେ ତୁମ୍ଭମାନଙ୍କର ବାସ କରୁଥିବା ଆପଣା ଆତ୍ମାଙ୍କ ଦ୍ୱାରା ତୁମ୍ଭମାନଙ୍କ ମର୍ତ୍ତ୍ୟ ଶରୀରକୁ ମଧ୍ୟ ଜୀବିତ କରିବେ।'' (ରୋମୀୟ ୮:୧୧)

ଉପରଲିଖିତ ବ୍ୟାଖ୍ୟାନରୁ ଐଶ୍ୱରିକତ୍ୱର ତିନୋଟି ବ୍ୟକ୍ତିତ୍ୱ ଏକତ୍ର କାର୍ଯ୍ୟ କରନ୍ତି ବୋଲି ବୁଝିପାରୁ। ଅନନ୍ତ ପରମେଶ୍ୱର ପରମ ଜ୍ଞାନୀ, ତାହାଙ୍କ ମହିମାର ପ୍ରଭା, ତାହାଙ୍କ ତତ୍ତ୍ୱ, ତାହାଙ୍କ ଶକ୍ତି, ଛାର ମାନବ ଯେ ଆମ୍ଭେମାନେ, ସମ୍ପୂର୍ଣ୍ଣ ଭାବେ ବୁଝି ନ ପାରୁ। ଆସ, ଆମ୍ଭେମାନେ ସେହି ମହାନ ପରମେଶ୍ୱରଙ୍କ ସହ ଅନନ୍ତଜୀବନଯାପନ କରିବା ନିମନ୍ତେ ଆପଣା ଆପଣାକୁ ପ୍ରସ୍ତୁତ କରୁ।

**- Kabita Gootam**

❋❋❋

**Edited & Published by : Kabita & Joshua Gootam**

**Discussion :**

1. The ministry for Christ is a glorious ministry :
   A. The ministry for Christ is more glorious than the ministry of the Old Testament. (2 Cor. 2 : 7-9)
   B. The Old Testament has been done away but the ministry of the New Testament will remain in its glory (2 Cor. 3.11).

II. The ministry for Christ is honest and tried ministry.
   A. As ministers of Christ we need to renounce dishonesty (2 Cor. 4:2).
   B. We will be troubled and persecuted but cannot be destroyed ( 2 Cor 4: 8-9).
   C. The life of Jesus must be displayed in our body (2 Cor. 4:10).

III. The ministry for Christ is a confident ministry.
   A. It is the Christ is a confident ministry. In heaven after we die in this earth (2 Cor. 5:1).
   B. We desire to be clothed in heaven (2Cor. 5:2).
   C. Paul said that, he is confident and be willing absent from the body to be present with the Lord (2 Cor. 5:8).

IV. The ministry for Christ is a reconciling ministry.
   A. Knowing the terror of the Lord we persuade men to reconcile with God (2 Cor. 5:11).
   B. God has reconciled us through Christ and gave us to the ministry of the reconciliation (2 Cor.5:18-20).

V. The ministry for Christ is a suffering ministry.
   A. There will be a lot of suffering in the ministry for Christ (2 Cor. 6:4).
   B. Even though we may face sorrow at times, we should always be rejoicing (2Cor.6:10).

**Conclusion :**

1. The ministry for Christ is a glorious ministry.
2. The ministry for Christ is honest and tried ministry.
3. The ministry for Christ is a confident ministry.
4. The ministry for Christ is a reconciling ministry.
5. The ministry of Christ is a suffering ministry.

- Ronnie Gootam

## The Family

The family is like a book –
The children are the leaves,
The parents are the covers
The protecting beauty gives.

At first the pages of the book
Are blank and purely fair
But time soon writes memories
And paints pictures there.

Love is the little golden clasp
That bindeth up the trust;
O, break it not, lest all the leaves
Should scatter and be lost.

***Printed Book Only***

From :
SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)